70
P R No - 25-05-2023

# ଅଦାଲତ, ତହସିଲଦାର, ହେମଗିର,

**Alienation case no. 04/2023**

**ଇସ୍ତିହାର**

ଏତଦ୍ୱାରା ମୌଜା **କୁଚେଡେଗା**, ଥାନା –ହେମଗିର, ଜିଲ୍ଲା ସୁନ୍ଦରଗଡ ର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ବନଖଣ୍ଡ ଅଧିକାରୀ, ସୁନ୍ଦରଗଡ଼** ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି କୁ **ବନୀକରଣ ଉଦ୍ଦେଶ୍ୟରେ** ନିଜ ନାମେ ଲିଜ ସୂତ୍ରେ ବନ୍ଦୋବସ୍ତ କରାଯିବାପାଇଁ ଅତ୍ର ଅଦାଲତ ରେ ଦରଖାସ୍ତ ସହ ଆବେଦନ କରିଛନ୍ତି, ଏଣୁ ଉକ୍ତ ଜମି କୁ ତାଙ୍କ ନାମେ ଲିଜ ସୁତ୍ରେ ବନ୍ଦୋବସ୍ତ କରାଯିବାର ପ୍ରସ୍ତାବ ରହିଛି ।

ଏଣୁ ଉଲ୍ଲେଖିତ ପରିବର୍ତ୍ତନ ସଂକ୍ରାନ୍ତରେ ଯଦି କୌଣସି ବ୍ୟକ୍ତି ବିଶେଷାଙ୍କ ତତ୍ ସମନ୍ଧିୟଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତିହାର ଜାରି ହେବାର ୩୦ (ତିରିଶ) ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ (ସରକାରୀ ଛୁଟୀଦିନ ବ୍ୟତୀତ) ଲିଖିତାକାରରେ ଆବଶ୍ୟକୀୟ କୋର୍ଟଫିସ୍ ସହ ଆପତ୍ତି ଦାଏର କରିପାରିବେ । ଧାର୍ଯ ସମୟ ଗତେ କୌଣସି ଆପତ୍ତି ଅଭିଯୋଗ ଅଗ୍ରାହ୍ୟ ହେବ ତଥା ଆଇନାନୁଯାୟୀ ପରବର୍ତ୍ତୀ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ।

25/5/23
ତହସିଲଦାର, ହେମଗିର
ଜି: ସୁନ୍ଦରଗଡ଼
Tahasildar
Hemgir

ଜ୍ଞାପକ ସଂଖ୍ୟା 1593 ତା: 25.05.2023

ଏହାର ଏକକିତା ନକଲ **ସରପଞ୍ଚ, କୁଚେଡେଗା** ଗ୍ରାମପଞ୍ଚାୟତଙ୍କ ଅବଗତି ତଥା ସର୍ବସାଧାରଣଙ୍କ ବହୁଳ ପ୍ରଚାର ନିମନ୍ତେ ଏବଂ ଏକ ନକଲ ସଂପୃକ୍ତ ଗ୍ରାମର ଦୃସ୍ୟମାନ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରୀ ପାଇଁ ପ୍ରେରଣ କରାଗଲା ଏବଂ ଗ୍ରାମରେ ଢେଙ୍ଗୁରା/ମାଇକ ବଜାଇ ପ୍ରଚାର ପାଇଁ ଆଦେଶ କରାଗଲା ।

ପୁନଶ୍ଚ ଏହାର ଏକକିତା ନକଲ ତହସିଲ କାର୍ଯାଳୟ, ହେମଗିର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଲଟକାଜାରୀ କରାଗଲା ।

ଏହାର ଏକକିତା ନକଲ DIO, NIC, Collectorate, Sundargarh ଙ୍କ ଅବଗତି ନିମନ୍ତେ ପଠଗଲା ଓ ବହୁଳ ପ୍ରଚାର ନିମନ୍ତେ **www.sundargarh.nic.in** ର ୱେବସାଇଟ ରେ ଅପଲୋଡ ନିମନ୍ତେ ଅନୁରୋଧ କରାଗଲା ।

25/5/23
ତହସିଲଦାର, ହେମଗିର
ଜି: ସୁନ୍ଦରଗଡ଼
Tahasildar
Hemgir

ପ୍ରସ୍ତାବିତ ଜମିର ତଫସିଲ:-

| ମୌଜା | ହା.ଖା.ନଂ | ପ୍ଲଟ ନଂ | କିସମ | ରକବା |
|---|---|---|---|---|
| କୁଚେଡେଗା | ୯୮ | ୧ /ସ୍ମ | ଗ୍ରାମ୍ୟ ଜଙ୍ଗଲ | ଏ. ୮୫.୭୭ |
| | (ରକ୍ଷିତ) | ୪୬/ସ୍ମ | ଜଙ୍ଗଲ | ଏ ୨୭.୯୦ |
| | ମୋଟ | ୨ ଟି ପ୍ଲଟ | | ଏ ୧୧୩.୬୭ |